# ନାଟକର ସାମାଜିକ ପ୍ରାସଙ୍ଗିକତା ଆଲୋଚନାଚକ୍ର




ଭୁବନେଶ୍ୱର,୧୮।୪(ବ୍ୟୁରୋ): ଶତାବ୍ଦୀର କଳାକାରର ୫୦ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଶତାବ୍ଦୀର କଳାକାର ଆନୁକୂଲ୍ୟରେ ନାଟକର ସାମାଜିକ ପ୍ରାସଙ୍ଗିକତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟାମଣ୍ଡଳୀର ଆବାହକ ତଥା କଥାକାର ଗୌରହରି ଦାସ ଅଧ୍ୟକ୍ଷତା କରିଥିଲେ । ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ପ୍ରଫେସର ବିଜୟ କୁମାର ଶତପଥୀ ବକ୍ତବ୍ୟ ରଖିଥିଲେ ।

ସାହିତ୍ୟ ଏକାଡେମୀ କୋଲକାତାର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାୟକ ସ୍ୱାଗତ ଭାଷଣ ଓ ଶତାବ୍ଦୀର କଳାକାରର ସାଧାରଣ ସମ୍ପାଦକ ଧୀର ମଲ୍ଲିକ ଧନ୍ୟବାଦ ଦେଇଥିଲେ । ଆଲୋଚନାରେ ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ନାରାୟଣ ସାହୁ, ବିଜୟ କୁମାର ଶତପଥୀ, ନରେନ୍ଦ୍ର ମିଶ୍ର, ସତ୍ୟବ୍ରତ ରାଉତ, ଗୌରାଙ୍ଗ ରାଉତ, ପ୍ରବୋଧ ରଥ, ଲଲାଟେନ୍ଦୁ ରଥ, ଉପେନ୍ଦ୍ର ପ୍ରସାଦ ନାୟକ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ପ୍ରଥମ ଅଧିବେଶନରେ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଅଧ୍ୟକ୍ଷତା କରିଥିବାବେଳେ ଶତାବ୍ଦୀର କଳାକାରର ଉପଦେଷ୍ଟା ବିଜୟ କୁମାର ଦାସ ଧନ୍ୟବାଦ ଦେଇଥିଲେ ।